Odisha Sub-ordinate Staff Selection Commission
(OSSSC), Govt. of Odisha

# OSSSC CRE 2025

## Combined Recruitment Examination · Preliminary · Question Paper

**31 May 2026 · 9:00 AM - 10:30 AM** **Odia Version**

RI · ICDS Supervisor · VAW · JA · ARI · Amin · SFS | Official Answer Key

## About this Paper


This is the **OSSSC Combined Recruitment Examination (CRE) 2025** Preliminary written test (Advt. IIE-120/2025-3219) for the posts of Revenue Inspector, ICDS Supervisor, Village Agricultural Worker, Junior Assistant, Assistant Revenue Inspector, Amin & Statistical Field Surveyor — **31 May 2026, 9:00 AM - 10:30 AM** shift, **Odia version**, with the correct option marked as per the official answer key.

**Exam pattern:** 100 questions · 100 marks · 90 minutes. Sections: Mathematics 20, General Studies 20, English 20, Odia 15, Computer 15, Logical Reasoning 10. Marking: **+1** correct, **−0.25** wrong.

✓ Correct option (highlighted green)


### More from QMaths

Check your marks & All-India rank at **rank.qmaths.in**. Master English vocabulary with the **Blackbook** app.




***Toppers' Choice, Blackbook of English Vocabulary, Now available in App format : DOWNLOAD NOW***

## Quant

**Q1** Quant

କାର M ବିନ୍ଦୁ A ରୁ ବିନ୍ଦୁ B କୁ ଯାତ୍ରା କରିବା ପାଇଁ 7 ଘଣ୍ଟା ସମୟ ନିଏ । ଯଦି ଏହା ଏହାର ମୂଳ ବେଗ ଠାରୁ 22.6 km/hr କମ ବେଗରେ ସମାନ ଦୂରତା ଯାତ୍ରା କରିଥାନ୍ତା ତେବେ ଏହାକୁ 8 ଘଣ୍ଟା ସମୟ ଲାଗିଥାନ୍ତା । ବିନ୍ଦୁ A ଏବଂ B ମଧ୍ୟରେ ଦୂରତା କେତେ?

- **A.** 1052.5 km
- **B.** 1132.5 km
- **C.** 1265.6 km ✓
- **D.** 1376.7 km

**Q2** Quant

ଏକ କାର ପୁନେରୁ ଅହମଦନଗର ପର୍ଯ୍ୟନ୍ତ ହାରାହାରି 60 km/h ବେଗରେ 180 km ଅତିକ୍ରମ କରେ । ଫେରିବା ସମୟରେ, କାରଟି ଟ୍ରାଫିକ ଜାମର ସମ୍ମୁଖୀନ ହୁଏ ଏବଂ ହାରାହାରି 30 km/h ବେଗରେ ଯାତ୍ରା କରେ । ଏହି ରାଉଣ୍ଡ ଟ୍ରିପର ସାମଗ୍ରିକ ହାରାହାରି ବେଗ କେତେ ଅଟେ?

- **A.** 30 km/h
- **B.** 35 km/h
- **C.** 40 km/h ✓
- **D.** 45 km/h

**Q3** Quant

ଗୋଟିଏ ବିଦ୍ୟାଳୟରେ ବାଳକ ଓ ବାଳିକାଙ୍କ ସଂଖ୍ୟାର ଅନୁପାତ 3:2 ଅଟେ । ଯଦି ବାଳକଙ୍କ ସଂଖ୍ୟା ବାଳିକାଙ୍କ ସଂଖ୍ୟା ଅପେକ୍ଷା 120 ଅଧିକ ହୁଏ, ତେବେ ସେହି ବିଦ୍ୟାଳୟର ବାଳକଙ୍କ ସଂଖ୍ୟା ନିର୍ଣ୍ଣୟ କର ।

- **A.** 240
- **B.** 300
- **C.** 360 ✓
- **D.** 400

**Q4** Quant

2.2 m × 2.0 m × 1.5 m ମାତ୍ରା ବିଶିଷ୍ଟ ଆୟତଘନାକାର ଟାଙ୍କିକୁ 0.25 m ବ୍ୟାସାର୍ଦ୍ଧ ଏବଂ 0.28 m ଉଚ୍ଚତା ବିଶିଷ୍ଟ ଏକ ସିଲିଣ୍ଡରାକୃତି ବାଲ୍‌ଟି ସାହାଯ୍ୟରେ ପାଣି ଭର୍ତ୍ତି କରାଯାଉଛି । ଟାଙ୍କିଟିକୁ ପୂର୍ଣ୍ଣ କରିବା ପାଇଁ କେତେ ବାଲ୍‌ଟି ପାଣି ଆବଶ୍ୟକ ହେବ? (π = 22/7 ବ୍ୟବହାର କର)

- **A.** 110
- **B.** 115
- **C.** 120 ✓
- **D.** 125

**Q5** Quant

୫ଟି ସଂଖ୍ୟାର ହାରାହାରି 42 ଅଟେ । ଯଦି ଆଉ ଗୋଟିଏ ସଂଖ୍ୟା ଯୋଗ କରାଯାଏ ଏବଂ ନୂତନ ହାରାହାରି 40 ହୁଏ, ତେବେ ଯୋଗ କରାଯାଇଥିବା ସଂଖ୍ୟାଟି କେତେ?

- **A.** 24 ✓
- **B.** 23
- **C.** 22
- **D.** 21

**Q6** Quant

ନିମ୍ନଲିଖିତ ମଧ୍ୟରୁ କେଉଁ ଅନୁପାତ 4:7 ସହିତ ସମାନ?

- **A.** 28:49 ✓
- **B.** 98:105
- **C.** 44:73
- **D.** 54:70

**Q7** Quant

4 ଟି କଲମ ଓ 3 ଟି ନୋଟବୁକର ମୂଲ୍ୟ ₹86 ଅଟେ ଯେତେବେଳେକି 2 ଟି କଲମ ଓ 5 ଟି ନୋଟବୁକର ମୂଲ୍ୟ ₹78 ଅଟେ । ଗୋଟିଏ କଲମର ମୂଲ୍ୟ କେତେ?

- **A.** ₹12
- **B.** ₹14 ✓
- **C.** ₹16
- **D.** ₹18

**Q8** Quant

ମନୋଜ ତାଙ୍କ ମାସିକ ଆୟର 62.5% ଖର୍ଚ୍ଚ କରନ୍ତି ଏବଂ ପ୍ରତି ମାସରେ ₹1236 ସଞ୍ଚୟ କରନ୍ତି । ମନୋଜର ମାସିକ ଆୟ କେତେ?

- **A.** ₹3196
- **B.** ₹3216
- **C.** ₹3236
- **D.** ₹3296 ✓

**Q9** Quant

ଗୋଟିଏ ଜ୍ୟାକେଟର ଧାର୍ଯ୍ୟ ମୂଲ୍ୟ ₹2,500 ଅଟେ । ଜଣେ ଦୋକାନୀ ଏହା ଉପରେ ଯଥାକ୍ରମେ 20% ଏବଂ 10% ର ଦୁଇଟି କ୍ରମିକ ରିହାତି ପ୍ରଦାନ କରନ୍ତି । ଜ୍ୟାକେଟ୍‌ର ଚୂଡ଼ାନ୍ତ ବିକ୍ରୟ ମୂଲ୍ୟ କେତେ?

- **A.** ₹2,000
- **B.** ₹1,800 ✓
- **C.** ₹1,750
- **D.** ₹1,700

Blackbook Vocabulary — Now in the App! ▶ Download Now on Google Play

**Q10** Quant

ଜଣେ ଦୋକାନୀ ସାମଗ୍ରୀର ମୂଲ୍ୟକୁ 30% ଅଧିକ କରି ଧାର୍ଯ୍ୟ କରି ସେହି ଧାର୍ଯ୍ୟ ମୂଲ୍ୟ ଉପରେ 10% ଓ 5% ର ଦୁଇଟି କ୍ରମାଗତ ରିହାତି ପ୍ରଦାନ କରନ୍ତି । ଯଦି ଏହିପରି ଏକ ସାମଗ୍ରୀର ଧାର୍ଯ୍ୟ ମୂଲ୍ୟ 260 ଟଙ୍କା ହୁଏ, ତେବେ ଦୋକାନୀଙ୍କ ଦ୍ୱାରା ଅର୍ଜିତ ଲାଭର ପ୍ରତିଶତ (ଦୁଇଟି ଦଶମିକ ସ୍ଥାନ ପର୍ଯ୍ୟନ୍ତ) ନିର୍ଣ୍ଣୟ କରନ୍ତୁ ।

- **A.** 11.15 % ✓
- **B.** 22.30 %
- **C.** 12.25 %
- **D.** 15.15 %

**Q11** Quant

ଗୋଟିଏ ପାଇପ ଏକ ଟାଙ୍କିକୁ 6 ମିନିଟ୍‌ରେ ପୂର୍ଣ୍ଣ କରିପାରୁଥିବା ବେଳେ ଅନ୍ୟ ଏକ ପାଇପ ସେହି ଭର୍ତ୍ତି ଟାଙ୍କିକୁ 9 ମିନିଟ୍‌ରେ ଖାଲି କରିପାରେ । ଯଦି ଟାଙ୍କିଟି ଖାଲି ଥିବା ଅବସ୍ଥାରେ ଉଭୟ ପାଇପକୁ ଏକାସାଙ୍ଗରେ ଖୋଲାଯାଏ, ତେବେ ଟାଙ୍କିର ଏକ-ତୃତୀୟାଂଶ ପୂର୍ଣ୍ଣ ହେବା ପାଇଁ କେତେ ମିନିଟ୍ ସମୟ ଲାଗିବ?

- **A.** 6 ✓
- **B.** 12
- **C.** 18
- **D.** 24

**Q12** Quant

ଜଣେ ଦୋକାନୀ ଏକ ସାମଗ୍ରୀର ଧାର୍ଯ୍ୟ ମୂଲ୍ୟକୁ ଏହାର କ୍ରୟ ମୂଲ୍ୟ ଅପେକ୍ଷା 50% ଅଧିକ ରଖନ୍ତି । 14% ଲାଭ ପାଇବା ପାଇଁ ଧାର୍ଯ୍ୟ ମୂଲ୍ୟ ଉପରେ କେତେ ପ୍ରତିଶତ ରିହାତି ପ୍ରଦାନ କରାଯିବା ଆବଶ୍ୟକ?

- **A.** 24 % ✓
- **B.** 21 %
- **C.** 27 %
- **D.** 26 %

**Q13** Quant

ଅକ୍ଷୟଙ୍କ ପାଖରେ ₹1,300 ଅଛି । ସେ ଏହି ଟଙ୍କାକୁ ତାଙ୍କ ଦୁଇ ପୁଅ ଅର୍ଜୁନ ଓ କାର୍ତ୍ତିକଙ୍କ ମଧ୍ୟରେ ଭାଗ କରିଦେଇ, ବାର୍ଷିକ 8% ଚକ୍ରବୃଦ୍ଧି ସୁଧ ହାରରେ ବିନିଯୋଗ କରିବାକୁ କହିଥିଲେ । ଏହା ଦେଖିବାକୁ ମିଳିଲା ଯେ, ଯଥାକ୍ରମେ 13 ଓ 14 ବର୍ଷ ପରେ ଅର୍ଜୁନ ଓ କାର୍ତ୍ତିକଙ୍କୁ ସମାନ ସମୂଳସୁଧ ମିଳିଥିଲା । ତେବେ ଅକ୍ଷୟ କାର୍ତ୍ତିକଙ୍କୁ କେତେ ଟଙ୍କା (₹ ରେ) ଦେଇଥିଲେ?

- **A.** 625 ✓
- **B.** 675
- **C.** 475
- **D.** 775

**Q14** Quant

15, 10, 12 ଓ 13 ମଧ୍ୟରୁ ପ୍ରତ୍ୟେକରେ x ଯୋଗ କଲେ ଏହି କ୍ରମରେ ପ୍ରାପ୍ତ ସଂଖ୍ୟାଗୁଡ଼ିକ ସମାନୁପାତି ହୋଇଥାଏ । ଯଦି $9x : y :: y : (2x - 7)$ ଏବଂ $y > 0$ ହୁଏ, ତେବେ y ର ମୂଲ୍ୟ କେତେ?

- **A.** 60 ✓
- **B.** 46
- **C.** 41
- **D.** 65

**Q15** Quant

ଗୋଟିଏ ଛୋଟ ଗାଁର ଜନସଂଖ୍ୟା 3000 ଅଟେ । ଗାଁର ପ୍ରତ୍ୟେକ ଲୋକଙ୍କୁ ପ୍ରତିଦିନ 80 ଲିଟର ପାଣି ଆବଶ୍ୟକ ହୁଏ । ଗାଁରେ 16 m × 10 m × 12 m ମାପ ବିଶିଷ୍ଟ ଏକ ପାଣି ଟାଙ୍କି ଅଛି । ଟାଙ୍କିଟି ଥରେ ପୂର୍ଣ୍ଣ ହୋଇଗଲେ, ଗାଁର ଲୋକଙ୍କ ପାଇଁ କେତେ ଦିନ ପାଇଁ ପାଣି ଯଥେଷ୍ଟ ହେବ?

- **A.** 10
- **B.** 6
- **C.** 12
- **D.** 8 ✓

Blackbook Vocabulary — Now in the App! ► Download Now on Google Play

**Q16** Quant

200 cm ବାହୁ ବିଶିଷ୍ଟ ଏକ ସମବାହୁ ତ୍ରିଭୁଜର କ୍ଷେତ୍ରଫଳ ($cm^2$ ରେ) କେତେ?
( $\sqrt{3} = 1.73$ ବ୍ୟବହାର କର )

A. 14,100

B. 15,200

C. 16,800

D. 17,300 ✓

**Q17** Quant

ର ମୂଲ୍ୟ ନିର୍ଣ୍ଣୟ କର ।

A. $18.\overline{34}$ ✓

B. $18.\overline{35}$

C. $19.\overline{34}$

D. $19.\overline{35}$

**Q18** Quant

ଯଦି 1, 1, 1, 5, 9, 8, 7, 9, 9, 63, 4, 5, 6, 88, 8, 4, 44, 6, 6, 6, 9, 9, 9 ଏବଂ 1 ର ଗରିଷ୍ଠକ "v" ହୁଏ, ତେବେର ମୂଲ୍ୟ ନିର୍ଣ୍ଣୟ କର ।

A. $2$

B. $\frac{1}{3}$

C. $\frac{2\sqrt{2}}{3}$

D. $1$ ✓

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q19** Quant

ସରଳ କର : $\sqrt{817+\sqrt{567+\sqrt{58+\sqrt{493+\sqrt{1296}}}}}$

A. 29 ✓

B. 25

C. 33

D. 32

**Q20** Quant

A ଦୁଇଟି ନିର୍ଦ୍ଦିଷ୍ଟ ଷ୍ଟେସନ ମଧ୍ୟରେ 20 ଦିନରେ ରେଳ ଟ୍ରାକ ବିଛାଇପାରିବେ ଏବଂ B ସମାନ କାମକୁ 16 ଦିନରେ କରିପାରିବେ । C ଙ୍କ ସାହାଯ୍ୟରେ ସେମାନେ 2 ଦିନରେ କାମ କରିଥିଲେ । ତେବେ, C ଏକାକୀ ଏହି କାମ କେତେ ଦିନରେ କରିପାରିବେ?

A. $2\frac{18}{31}$ ✓

B. $7\frac{18}{31}$

C. $11\frac{18}{31}$

D. $9\frac{18}{31}$

## GA

**Q21** GA

ଇଷ୍ଟ ଇଣ୍ଡିଆ କମ୍ପାନୀର ରାଜନୈତିକ ଓ ପ୍ରଶାସନିକ କାର୍ଯ୍ୟାବଳୀକୁ ସ୍ୱୀକୃତି ଦେଇ ଭାରତୀୟ ବ୍ୟାପାର ଉପରେ ବ୍ରିଟିଶ ନିୟନ୍ତ୍ରଣର ସୂତ୍ରପାତ କରିଥିବା କେଉଁଟି ପ୍ରଥମ ଆଇନ (Act) ଅଟେ?

A. ପିଟ୍ସ ଇଣ୍ଡିଆ ଆଇନ

B. ରେଗୁଲେଟିଂ ଆଇନ 1773 ✓

C. ଚାର୍ଟର ଆଇନ 1813

D. ଭାରତୀୟ ପରିଷଦ ଆଇନ 1861

**Q22** GA

16 ଜୁଲାଇ 2025ରେ ନିମ୍ନଲିଖିତ ମଧ୍ୟରୁ କେଉଁ ପ୍ରଥମ ଭାରତୀୟ ହକି ଖେଳାଳି ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ (Poligras Magic Skill Award) ଜିତିଥିଲେ?

A. ରାଣୀ ରାମପାଲ

B. ଦୀପିକା ସେହରାୱତ ✓

C. ବନ୍ଦନା କଟାରିଆ

D. ସବିତା ପୁନିଆ

**Q23** GA

ପ୍ରଦତ୍ତ ଭୌଗଳିକ ସୀମା ଅନୁଯାୟୀ, ନିମ୍ନଲିଖିତ ରାଜ୍ୟଗୁଡ଼ିକ ମଧ୍ୟରୁ କେଉଁଟି ଓଡ଼ିଶାର ଦକ୍ଷିଣରେ ଅବସ୍ଥିତ?

A. ପଶ୍ଚିମବଙ୍ଗ

B. ଛତିଶଗଡ଼

C. ଆନ୍ଧ୍ରପ୍ରଦେଶ ✓

D. ଝାଡଖଣ୍ଡ

**Q24** GA

କେଉଁ ବିଶ୍ୱବିଦ୍ୟାଳୟକୁ ଏହାର ଗ୍ରୀନ-କ୍ୟାମ୍ପସ ଡ୍ରାଇଭ (2024-25,, ଜୁନ 2025 ରେ ରିପୋର୍ଟ କରାଯାଇଥିବା) ପାଇଁ ଓଡ଼ିଶାର 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଥିଲା?

A. ଉତ୍କଳ ବିଶ୍ୱବିଦ୍ୟାଳୟ

B. ରେଭେନ୍ସା ବିଶ୍ୱବିଦ୍ୟାଳୟ

C. ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ✓

D. ସମ୍ବଲପୁର ବିଶ୍ୱବିଦ୍ୟାଳୟ

Blackbook Vocabulary — Now in the App! ► Download Now on Google Play

**Q25** GA

ଓଡ଼ିଶା, କୃଷି ନେତୃତ୍ୱ ସମ୍ମିଳନୀର କେଉଁ ସଂସ୍କରଣରେ 'କୃଷି ନେତୃତ୍ୱ ପୁରସ୍କାର' (Agriculture Leadership Award) ଗ୍ରହଣ କରିଥିଲା?

A. 14 ତମ

B. 15 ତମ

C. 16 ତମ ✓

D. 17 ତମ

**Q26** GA

2000 ମସିହାରୁ ଓଡ଼ିଶା ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆଞ୍ଚଳିକ ରାଜନୈତିକ ଦଳକୁ ଚୟନ କର ।

A. ଇଣ୍ଡିଆନ ନ୍ୟାସନାଲ କଂଗ୍ରେସ (INC)

B. କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ (ମାର୍କ୍ସବାଦୀ) [CPI(M)]

C. ଭାରତୀୟ ଜନତା ପାର୍ଟି (BJP)

D. ବିଜୁ ଜନତା ଦଳ (BJD) ✓

**Q27** GA

2025 ଜୁଲାଇରେ କେନ୍ଦ୍ର କ୍ୟାବିନେଟ ଭାରତର ସ୍ପୋର୍ଟିଂ ଇକୋସିଷ୍ଟମକୁ ରୂପାନ୍ତରିତ କରିବା ଲକ୍ଷ୍ୟରେ କେଉଁ ପ୍ରମୁଖ ନୀତିକୁ ମଞ୍ଜୁରୀ ପ୍ରଦାନ କରିଥିଲେ?

A. ନ୍ୟାସନାଲ ଫିଜିକାଲ ଫିଟନେସ ପଲିସି 2025

B. ନ୍ୟାସନାଲ ୟୁଥ ଆଣ୍ଡ ସ୍ପୋର୍ଟ୍ସ ମିଶନ 2025

C. ନ୍ୟାସନାଲ ସ୍ପୋର୍ଟ୍ସ ପଲିସି 2025 ✓

D. ନ୍ୟାସନାଲ ପ୍ଲେ ଆଣ୍ଡ ୱେଲନେସ ପ୍ରୋଗ୍ରାମ 2025

**Q28** GA

କିଏ ଶ୍ରେଷ୍ଠ FIFA ଫୁଟବଲ ପୁରସ୍କାର 2025 ରେ ଶ୍ରେଷ୍ଠ FIFA ମହିଳା ଗୋଲକିପର (The Best FIFA Women's Goalkeeper) ଭାବରେ ମନୋନୀତ ହୋଇଥିଲେ?

A. ହାନ୍ନା ହାମ୍ପଟନ (Hannah Hampton) ✓

B. ଜିଆନଲୁଇଜି ଡୋନାରୁମ୍ମା (Gianluigi Donnarumma)

C. ଆଇଟାନା ବୋନମାତି (Aitana Bonmatí)

D. ସାରିନା ୱିଗମ୍ୟାନ (Sarina Wiegman)

**Q29** GA

ଅକ୍ଟୋବର 2025 ରେ, କେଉଁ ଭାରତୀୟ ସହର UNESCO କ୍ରିଏଟିଭ ସିଟିଜ ନେଟୱାର୍କ (Creative Cities Network) ରେ ସାମିଲ ହେବାରେ ଭାରତର 9 ମ ସହର ହୋଇପାରିଛି?

A. ଲକ୍ଷ୍ନୌ ✓

B. ଜୟପୁର

C. ଅହମ୍ମଦାବାଦ

D. ବାରଣାସୀ

**Q30** GA

ଭାରତର କେଉଁ ପ୍ରକାରର ଅରଣ୍ୟ ଉଷ୍ମ ଓ ଆର୍ଦ୍ର ଅଞ୍ଚଳରେ ଦେଖିବାକୁ ମିଳେ, ଯେଉଁଠାରେ ବାର୍ଷିକ ବୃଷ୍ଟିପାତ 200 cm ରୁ ଅଧିକ ଏବଂ ହାରାହାରି ବାର୍ଷିକ ତାପମାତ୍ରା 22°C ରୁ ଅଧିକ ଅଟେ?

A. କ୍ରାନ୍ତୀୟ କଣ୍ଟାଳିଆ ଅରଣ୍ୟ

B. କ୍ରାନ୍ତୀୟ ପର୍ଣ୍ଣମୋଚି ଅରଣ୍ୟ

C. କ୍ରାନ୍ତୀୟ ଚିରହରିତ ଅରଣ୍ୟ ✓

D. ପାର୍ବତ୍ୟ ଅରଣ୍ୟ

**Q31** GA

କିଣ୍ୱନ ସମୟରେ ଇଷ୍ଟରେ ଥିବା ପାଇରୁଭେଟ କେଉଁଥିରେ ରୂପାନ୍ତରିତ ହୁଏ?

A. କାର୍ବନ ଡାଇଅକ୍ସାଇଡ ଏବଂ ଜଳ

B. ଇଥାନଲ ଓ କାର୍ବନ ଡାଇଅକ୍ସାଇଡ ✓

C. ଇଥାନଲ ଓ ଅକ୍ସିଜେନ

D. ଗ୍ଲୁକୋଜ ଏବଂ କାର୍ବନ ଡାଇଅକ୍ସାଇଡ

**Q32** GA

ଭାରତର ବିଶାଳ ସମତଳ ଅଞ୍ଚଳରେ ଦେଖାଯାଉଥିବା ପୁରାତନ ଏବଂ ନୂତନ ପଟୁ ମୃତ୍ତିକା (alluvial deposits) କୁ କ'ଣ କୁହାଯାଏ?

A. ରେଗୁର ଏବଂ ତରାଇ

B. ଦୋଆବ ଏବଂ ଚୋସ

C. ମଲାର ଏବଂ ଭିଲ

D. ଭାଙ୍ଗର ଏବଂ ଖାଦର ✓

**Q33** GA

ପାରମ୍ପରିକ ଜୀବାଶ୍ମ ଇନ୍ଧନ ତୁଳନାରେ ଆଲକହଲକୁ ଇନ୍ଧନ ଭାବରେ ବ୍ୟବହାର କରିବାର ମୁଖ୍ୟ ଲାଭ କ'ଣ?

A. ଇଞ୍ଜିନରେ ଆଲକହଲ ବ୍ୟବହାର କରାଯାଇପାରିବ ନାହିଁ

B. ଜୀବାଶ୍ମ ଇନ୍ଧନ ଅପେକ୍ଷା ଆଲକହଲ ଅଧିକ ମହଙ୍ଗା ଅଟେ

C. ଆଖୁ ଭଳି ନବୀକରଣଯୋଗ୍ୟ ସମ୍ବଳରୁ ଆଲକୋହଲ ଉତ୍ପାଦିତ ହୋଇଥାଏ । ✓

D. ଜୀବାଶ୍ମ ଇନ୍ଧନ ତୁଳନାରେ ଆଲକହଲରେ ଶକ୍ତି କମ ଥାଏ

**Q34** GA

ବିପର୍ଯ୍ୟୟ ପରିଚାଳନାରେ ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ସାଂରଚନିକ ପ୍ରଶମନ ବ୍ୟବସ୍ଥା ଗଠନ କରେ?

A. ଜନ ସଚେତନତା ଅଭିଯାନ

B. ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସର ଆୟୋଜନ

C. ନଦୀବନ୍ଧ ଏବଂ ଆଡିବନ୍ଧ ନିର୍ମାଣ ✓

D. ପ୍ରାରମ୍ଭିକ ସତର୍କତା ପ୍ରଣାଳୀ ପ୍ରତିଷ୍ଠା

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q35** GA

ଭାରତୀୟ ସମ୍ବିଧାନର କେଉଁ ଅନୁସୂଚୀରେ କେନ୍ଦ୍ର, ରାଜ୍ୟ ଏବଂ ଯୁଗ୍ମ ତାଲିକା ଅଛି?

- **A.** ଷଷ୍ଠ ଅନୁସୂଚୀ
- **B.** ନବମ ଅନୁସୂଚୀ
- **C.** ସପ୍ତମ ଅନୁସୂଚୀ ✓
- **D.** ପଞ୍ଚମ ଅନୁସୂଚୀ

**Q36** GA

ଆଗ୍ନେୟ ଉଦଗିରଣ ସମୟରେ ବିଗଳିତ ପଥର ପୃଥିବୀ ପୃଷ୍ଠରେ ପହଞ୍ଚିବା ପରେ ତାହାକୁ କ'ଣ କୁହାଯାଏ?

- **A.** ମେଣ୍ଟଲ (Mantle)
- **B.** ଲାଭା (Lava) ✓
- **C.** ମାଗମା (Magma)
- **D.** ଟେଫ୍ରା (Tephra)

**Q37** GA

ସଙ୍ଗମ ସାହିତ୍ୟ ସନ୍ଦର୍ଭରେ ନିମ୍ନଲିଖିତ କେଉଁ ଯୋଡ଼ି ସଠିକ ଭାବରେ ମେଳ ଖାଉଛି?

- **A.** ତୋଲକାପିୟମ (Tolkappiyam)- ଆଠଟି ସଂକଳନକୁ ନେଇ ଗଠିତ
- **B.** ଏଟ୍ଟୁଟୋକାଇ (Ettuttokai) - ତାମିଲ କବିତାର ଆଠଟି ସଂକଳନର ସଂଗ୍ରହ ✓
- **C.** ପଟ୍ଟୁପଟ୍ଟୁ (Pattupattu) - ବୀରତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ବର୍ଣ୍ଣନା କରୁଥିବା ଆଠଟି ସଂକଳନର ଏକ ଅଂଶବିଶେଷ
- **D.** ଅକାନାନୁରୁ (Akananuru) - ବ୍ୟାକରଣ ଏବଂ ଅଳଙ୍କାର ଶାସ୍ତ୍ର ସମ୍ବନ୍ଧୀୟ ପ୍ରବନ୍ଧ

**Q38** GA

ଜଣେ ବିଦ୍ୟାର୍ଥୀ ଏକ ଅବତଳ ଦର୍ପଣର ପୋଲ ଓ ମୁଖ୍ୟ ଫୋକସ ମଧ୍ୟରେ ଏକ ବସ୍ତୁକୁ ରଖିଲେ । ଏହି ଅବସ୍ଥାରେ ସୃଷ୍ଟି ହେଉଥିବା ପ୍ରତିବିମ୍ବକୁ କେଉଁ ବୈଶିଷ୍ଟ୍ୟ ସର୍ବୋତ୍ତମ ଭାବେ ବର୍ଣ୍ଣନା କରେ?

- **A.** ବାସ୍ତବ, ପରିବର୍ଦ୍ଧିତ ଏବଂ ଦର୍ପଣ ସମ୍ମୁଖରେ
- **B.** ଆଭାସୀ, ପରିବର୍ଦ୍ଧିତ ଏବଂ ଦର୍ପଣ ପଛରେ ✓
- **C.** ବାସ୍ତବ, କ୍ଷୁଦ୍ର ଏବଂ ଦର୍ପଣ ସମ୍ମୁଖରେ
- **D.** ଆଭାସୀ, କ୍ଷୁଦ୍ର ଏବଂ ଦର୍ପଣ ପଛରେ

**Q39** GA

ନିମ୍ନଲିଖିତ କେଉଁଟି ପ୍ରଚ୍ଛନ୍ନ ବେକାରୀକୁ ବ୍ୟାଖ୍ୟା କରେ?

- **A.** ଏପରି ଏକ ସ୍ଥିତି ଯେଉଁଠାରେ ବ୍ୟକ୍ତିବିଶେଷ ସେମାନଙ୍କ ଇଚ୍ଛା ଅପେକ୍ଷା କମ ଘଣ୍ଟା କାର୍ଯ୍ୟ କରନ୍ତି, ଯାହା ଶ୍ରମର ଅପପ୍ରୟୋଗକୁ ସୂଚାଇଥାଏ ।
- **B.** ଶ୍ରମର ଚାହିଦାରେ ଋତୁଭିତ୍ତିକ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହେଉଥିବା ଏକ ଅସ୍ଥାୟୀ ବେକାରୀ ସମସ୍ୟା ।
- **C.** ଏପରି ଏକ ପରିସ୍ଥିତି ଯେଉଁଠାରେ ଶ୍ରମିକମାନେ ସେମାନଙ୍କ ପସନ୍ଦ କିମ୍ବା ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଯୋଗୁଁ ବାରମ୍ବାର ଚାକିରି ପରିବର୍ତ୍ତନ କରନ୍ତି ।
- **D.** ଜଣେ ବ୍ୟକ୍ତି ଦୃଶ୍ୟତଃ କାର୍ଯ୍ୟରତ ଥାଇ ମଧ୍ୟ ମୋଟ ଉତ୍ପାଦନରେ କୌଣସି ଅବଦାନ ନ ଦେଉଥିବା ବେକାରୀ । ✓

**Q40** GA

ନିମ୍ନଲିଖିତ କିଏ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ଜଣେ ପ୍ରସିଦ୍ଧ ସିତାର ବାଦକ ଅଟନ୍ତି?

- **A.** ସୁଲତାନ ଖାନ
- **B.** ଶକୁର ଖାନ
- **C.** ରମେଶ ମିଶ୍ରା
- **D.** ନିଖିଲ ବନର୍ଜୀ ✓

Blackbook Vocabulary — Now in the App! ▶ Download Now on Google Play

# English

**Q41** English

Sentences of a paragraph are given below in jumbled order. Arrange the sentences in the correct order to form a meaningful and coherent paragraph.

A. Its clear evidence can be seen in observations of the atmosphere, oceans, ice and living things.
B. We know Earth is warming.
C. By comparing the changes scientists have observed in computer simulations of the climate including or excluding various potential causes, scientists can work out what or who is responsible for the climate changes.
D. Computer simulations can tell us what the world would have looked like without increases in greenhouse gases and other human influences, and Earth would not have warmed up like we have seen.

A. BDAC
B. ADBC
C. BADC ✓
D. CBDA

**Q42** English

Select the option that can be used as a one-word substitute for the given group of words.

One who leads an austere life

A. Theist
B. magician
C. Ascetic ✓
D. Misogynist

**Q43** English

Select the most appropriate ANTONYM of the underlined word in the given sentence.

Her response was <u>deliberate</u>, measured carefully to maintain diplomatic neutrality amidst growing tensions.

A. Spontaneous ✓
B. Calculated
C. Formal
D. Conservative

**Q44** English

Select the sentence with the correct use of the past perfect tense.

A. By the time the train arrived, we left the station.
B. By the time the train arrived, we had left the station. ✓
C. By the time the train arrived, we have left the station.
D. By the time the train arrived, we leaving the station.

Blackbook Vocabulary — Now in the App! ► Download Now on Google Play

**Q45** English

Read the sentence below and identify the one option in which the underlined word is correctly spelled.
“The committee was asked to prepare an **exhaustiveley** detailed report on student performance.”

**A.** exhaustiveley

**B.** exhaustively ✓

**C.** exhaustivelye

**D.** exhaustivly

**Q46** English

The following sentence is in direct speech. Complete the sentence in indirect speech.

Direct: Sita said, “I will have been working on this project for five hours by 6 p.m.”
Indirect: Sita said that __________.

**A.** she would have been working on that project for five hours by 6 p.m. ✓

**B.** she will have been working on this project for five hours by 6 p.m.

**C.** I would have been working on this project for five hours by 6 p.m.

**D.** she has been working on this project for five hours by 6 p.m.

**Q47** English

Choose the correct proverb to substitute the underlined word segment in the following sentence.

Though the villagers doubted her at first, Kavita’s persistence showed that **fair promises and talk cannot replace real results.**

**A.** empty vessels make the most noise

**B.** fine words butter no parsnips ✓

**C.** the pen is mightier than the sword

**D.** every dog has its day

**Q48** English

> Read the passage and choose the correct answer to the questions based on it.
>
> Baroque Art emerged in Europe around 1600, primarily in Rome, as a dynamic, dramatic, and emotionally intense reaction against the restrained classicism of the Renaissance and Mannerism. This style was strategically utilized by the Catholic Church during the Counter-Reformation to reaffirm its power and engage the emotions of the populace. Characterized by dramatic use of light and shadow (chiaroscuro), intense emotion, elaborate ornamentation, and a focus on movement, Baroque works sought to overwhelm the viewer. Key figures include the sculptor Bernini, known for his passionate Ecstasy of Saint Teresa, and the painter Caravaggio, whose intense naturalism and use of tenebrism (extreme chiaroscuro) revolutionized painting. The style was not monolithic; it flourished differently in Catholic and Protestant countries, demonstrating adaptability while maintaining its characteristic sense of theatrical grandeur, influencing everything from architecture to music. The movement created an immersive experience that transformed static spaces into living spectacles of divine and royal authority.

Which of the following best captures the essence of the passage?

**A.** The Origins of 17th-Century Italian Sculpture

**B.** Baroque Art: Drama, Emotion, and the Aesthetic ✓

**C.** The Artistic Legacy of Bernini and Caravaggio

**D.** Comparing Renaissance with Baroque Art

Blackbook Vocabulary — Now in the App! ► Download Now on Google Play

**Q49** English

What is the predominant tone of the passage when describing Baroque Art?

- A. Critical and skeptical of its religious intent.
- B. Informative and appreciative of its dramatic qualities. ✓
- C. Detached and purely technical regarding its form.
- D. Subjective and anecdotal about the artists' lives.

**Q50** English

Which of the following is explicitly mentioned as a characteristic technique of Baroque painting?

- A. Sfumato (blending colors without harsh lines)
- B. Isometric perspective (used in technical drawings)
- C. Tenebrism (extreme use of light and shadow) ✓
- D. Pointillism (using small, distinct dots of color)

**Q51** English

What can be inferred about the Catholic Church's objectives in promoting Baroque Art during the Counter-Reformation?

- A. They wished to promote subdued and cerebral forms of worship.
- B. They aimed to use emotionally overwhelming art to draw adherents. ✓
- C. Their goal was to align entirely with the restrained aesthetic.
- D. They were attempting to discourage large, public artistic displays.

**Q52** English

Choose the word from the passage that is an antonym for "subdued."

- A. Intense ✓
- B. Adaptability
- C. Monolithic
- D. Strategic

**Q53** English

Which of the following sentences is written in the Active Voice?

- A. Lunch will be served at noon.
- B. The flowers were watered by the gardener.
- C. He easily answered all the difficult questions. ✓
- D. The whole street was flooded by the heavy rain.

Blackbook Vocabulary — Now in the App! ► Download Now on Google Play

**Q54** English

In the following question, a statement has been given with highlighted text. You are required to replace the text with the correct proverb from the given alternatives.

The manager warned that **postponing important decisions can cause serious problems** in business matters. He explained that delay could lead to financial loss and confusion.

- **A.** a bird in hand is worth two in the bush
- **B.** delays are not denials
- **C.** look before you leap
- **D.** a stitch in time saves nine ✓

**Q55** English

Complete the sentence by choosing the correct option.
The view from the mountain top was ........................ breathtaking.

- **A.** frequently
- **B.** absolutely ✓
- **C.** presumably
- **D.** ultimately

**Q56** English

Choose the word opposite in meaning to the underlined word in the given sentence.

After the team finally secured the championship trophy, the locker room was filled with jubilant cheers and celebration.

- **A.** Proud
- **B.** Gloomy ✓
- **C.** Exultant
- **D.** Triumphant

**Q57** English

Select the option that can be used as a one-word substitute for the underlined group of words.

She meticulously prepared for the examination, driven by her determination to achieve something.

- **A.** mirage
- **B.** fixation
- **C.** conviction
- **D.** aspiration ✓

Blackbook Vocabulary — Now in the App! ► Download Now on Google Play

**Q58** English

Parts of a sentence are given below in jumbled order. Arrange the parts in the correct order to form a meaningful sentence.

O. it's a great ugly thing,
P. with massive metal chimneys
Q. and a tangle of ducts, pipes and valves
R. twice as ungainly and

- **A.** ORPQ ✓
- **B.** RPOQ
- **C.** PROQ
- **D.** QROP

**Q59** English

Select the most appropriate option to fill in the blank.

I try to save _____ money every month.

- **A.** the little
- **B.** few
- **C.** a little ✓
- **D.** a few

**Q60** English

Complete the sentence by inserting the correct article.

____ orchestra from Goa played beautifully during ____ concert yesterday.

- **A.** The, the ✓
- **B.** No article needed, the
- **C.** The, no article needed
- **D.** No article needed, a

Blackbook Vocabulary — Now in the App! ► Download Now on Google Play

## Odia

**Q61** Odia

କ୍ରିୟା ବିଶେଷଣ ପଦ ବ୍ୟବହାର କରି ବାକ୍ୟଟିକୁ ସମ୍ପୂର୍ଣ୍ଣ କର ।

"ପରୀକ୍ଷାରେ ବାଳକଟି ____ ହୋଇ ଲେଖିବାରୁ ପରିଣାମ ଭଲ ହେଲା ନାହିଁ । "

A. ନାଚି ନାଚି

B. ବାରମ୍ବାର

C. ତରତର ✓

D. ଟୋପା ଟୋପା

**Q62** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଓଡିଶୀ ଓଡ଼ିଶାର ପ୍ରସିଦ୍ଧ ନୃତ୍ୟ ରୂପେ ଜଣାଶୁଣା ଅଟେ।

A. The famous dance of Odisha is known as Odissi. ✓

B. The classical dance of Odisha is Bharatanatyam.

C. The folk dance of Odisha is Kathak.

D. The dance of Odisha is Manipuri.

**Q63** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପୂଜା କରିବା ପାଇଁ କେହି କାହାକୁ ବାଧ୍ୟ କରିବା ଉଚିତ ନୁହେଁ |

A. No one should force anyone to worship. ✓

B. No one will force anyone to worship.

C. No one has forced anyone to worship.

D. No one should force to worship.

**Q64** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ପର୍ବପର୍ବାଣି ସମୟରେ ଯାତ୍ରୀ ମାନଙ୍କ ସୁବିଧା ଲାଗି ଅଧିକ ଟ୍ରେନ ଚଳାଚଳର ବ୍ୟବସ୍ଥା କରାଯାଏ ।

A. During festivals, more train services are arranged for the passengers.

B. More train services are arranged for the convenience of passengers.

C. During festivals, many train services are arranged for the convenience of passengers.

D. During festivals, arrangements are made to run more trains for the convenience of passengers. ✓

**Q65** Odia

ହେ ଜଗନ୍ନାଥ ! ମୁଁ ତୁମକୁ ଧନ ମାଗୁନାହିଁ - ରେଖାଙ୍କିତ ପଦ କେଉଁ ପ୍ରକାର କ୍ରିୟାପଦ ?

A. ଦେଶଜ କ୍ରିୟା

B. ଦ୍ୱିକର୍ମକ କ୍ରିୟା ✓

C. ନାମଧାତୁ କ୍ରିୟା

D. ପ୍ରଯୋଜକ କ୍ରିୟା

Blackbook Vocabulary — Now in the App! ▶ Download Now on Google Play
generated by rank.qmaths.in

**Q66** Odia

.'ବସିବା ଠାରୁ କାଶିବା ଭଲ' ଏହି ହିତବାଣୀର ଅର୍ଥ କ'ଣ ?

- **A.** ବସି ଆରାମ କରିବା
- **B.** କିଛି କାମ ନ କରିବା
- **C.** ଅଳସୁଆ ହେବା ଅପେକ୍ଷା କିଛି ନା କିଛି କାମ କରିବାରେ ଉପକାରିତା ଅଛି ✓
- **D.** କାଶିବା

**Q67** Odia

ଗୋବିନ୍ଦ ଦଶ ଟଙ୍କା ଦେଇଛି । ଏହି ବାକ୍ୟରେ "ଦଶ' କେଉଁ ପ୍ରକାରର ବିଶେଷଣ ?

- **A.** ଗୁଣବାଚକ ବିଶେଷଣ
- **B.** ପରିମାଣବାଚକ ବିଶେଷଣ
- **C.** ସଂଖ୍ୟାବାଚକ ବିଶେଷଣ ✓
- **D.** ସୂଚନାବାଚକ ବିଶେଷଣ

**Q68** Odia

"ଛାତି ଫୁଲେଇ ଚାଲିବା"-ଏହି ରୂଢ଼ିର ଠିକ୍ ଅର୍ଥ କ'ଣ ?

- **A.** ଭୟଭୀତ ହେବା
- **B.** ଗର୍ବ ଦେଖାଇବା ✓
- **C.** ଦୁଃଖ ପ୍ରକାଶ କରିବା
- **D.** ଲଜ୍ଜିତ ହେବା

**Q69** Odia

'ଅର୍ଦ୍ଧଚନ୍ଦ୍ର ଦେବା' – ରୁଢିଟି ର ସଠିକ୍ ଅର୍ଥ ଲେଖ ।

- **A.** ଗଳା ଧକ୍କା ✓
- **B.** ଗଳାମାଳୀ
- **C.** ଗଳାହାର
- **D.** ଗଳା ଚିପିବା

**Q70** Odia

'ଗହମ ନିଦ' - ରୂଢ଼ିର ଅର୍ଥ ଲେଖ ।

- **A.** ଛାଇ ନିଦ
- **B.** ନିଦ୍ରାହୀନତା
- **C.** ଗାଢ଼ ନିଦ ✓
- **D.** ଅଳ୍ପ ନିଦ

Blackbook Vocabulary — Now in the App! ► Download Now on Google Play

## Q71 Odia

> ପ୍ରଦତ୍ତ ଅନୁଚ୍ଛେଦ ଆଧାରରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ସଠିକ ଉତ୍ତର ଦିଅ |
>
> ଆମ ପୃଥିବୀର ପ୍ରାକୃତିକ ପରିବେଶ ତଥା ପାରିପାର୍ଶ୍ୱିକ ସନ୍ତୁଳନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବନ୍ୟପ୍ରାଣୀ ସଂରକ୍ଷଣ ବର୍ତ୍ତମାନ ସମୟର ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି। ମାତ୍ର ଦୁର୍ଭାଗ୍ୟବଶତଃ, ଦ୍ରୁତ ଜଙ୍ଗଲ କ୍ଷୟ, ବେଆଇନ ଶିକାର ଏବଂ ବିଶ୍ୱସ୍ତରୀୟ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅନେକ ଦୁର୍ଲଭ ଜୀବଜନ୍ତୁ ଓ ଉଦ୍ଭିଦ ପ୍ରଜାତି ଆଜି ବିଲୁପ୍ତିର ଚରମ ସୀମାରେ ପହଞ୍ଚିଛନ୍ତି। ଏହି ସଙ୍କଟଜନକ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସଂରକ୍ଷିତ ଜୈବମଣ୍ଡଳ ଅଞ୍ଚଳ, ବନ୍ୟପ୍ରାଣୀ ଅଭୟାରଣ୍ୟର ପ୍ରତିଷ୍ଠା ଏବଂ ସରକାରଙ୍କ ଦ୍ୱାରା ପ୍ରଣୀତ କଠୋର ଆଇନଗତ ବ୍ୟବସ୍ଥା ଗଛଲତା ଓ ପ୍ରାଣୀଜଗତକୁ ସୁରକ୍ଷା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ବନ୍ୟପ୍ରାଣୀ ସଂରକ୍ଷଣର ପ୍ରକୃତ ଅର୍ଥ କେବଳ ପ୍ରାଣୀମାନଙ୍କୁ ଆତତାୟୀଙ୍କ କବଳରୁ ରକ୍ଷା କରିବା ନୁହେଁ, ବରଂ ସେମାନଙ୍କ ବଂଶବୃଦ୍ଧି ଓ ସୁରକ୍ଷିତ ଜୀବନ ପାଇଁ ଆବଶ୍ୟକ ହେଉଥିବା ପ୍ରାକୃତିକ ବାସସ୍ଥଳୀ ବା ପରିସଂସ୍ଥାକୁ ବଜାୟ ରଖିବା ମଧ୍ୟ ଅଟେ। ଜୈବ ବିବିଧତାର ଅମୂଲ୍ୟ ଗୁରୁତ୍ୱ ଏବଂ ଏହାର ଉପକାରିତା ବିଷୟରେ ସାଧାରଣ ଜନତା ଓ ସ୍ଥାନୀୟ ସମ୍ପ୍ରଦାୟକୁ ଶିକ୍ଷିତ ତଥା ସଚେତନ କରିବା ଦ୍ୱାରା ପ୍ରକୃତି ପ୍ରତି ଏକ ଦାୟିତ୍ୱବାନ ଆଚରଣ ପ୍ରୋତ୍ସାହିତ ହୋଇପାରିବ। ମନେ ରଖିବାକୁ ହେବ ଯେ, ଏହି ବିଶାଳ ପରିବେଶକୁ ସୁରକ୍ଷିତ ରଖିବା ଦିଗରେ ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷୁଦ୍ରତମ ପ୍ରୟାସ ମଧ୍ୟ ଭବିଷ୍ୟତରେ ଏକ ସୁସ୍ଥ, ସୁନ୍ଦର ଏବଂ ସନ୍ତୁଳିତ ପରିସଂସ୍ଥା ଗଠନ କରିବାରେ ବହୁମୂଲ୍ୟ ଅବଦାନ ଦେଇଥାଏ। ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବଜାତିର ସୁରକ୍ଷା।

ପାରିପାର୍ଶ୍ୱିକ ସନ୍ତୁଳନ ରକ୍ଷା ପାଇଁ କଣ ଗୁରୁତ୍ୱପୂର୍ଣ୍ଣ?

**A.** ଜଙ୍ଗଲକ୍ଷୟ

**B.** ଶିକାର କରିବା

**C.** ବନ୍ୟପ୍ରାଣୀ ସଂରକ୍ଷଣ ✓

**D.** ଶିଳ୍ପାୟନ

## Q72 Odia

କେଉଁ କାରଣ ଯୋଗୁଁ ଅନେକ ପ୍ରଜାତି ବିଲୁପ୍ତ ହେବାକୁ ଯାଉଛନ୍ତି?

**A.** କଠୋର ନିୟମ

**B.** ଜଙ୍ଗଲ କ୍ଷୟ, ଶିକାର ଏବଂ ଜଳବାୟୁ ପରିବର୍ତ୍ତନ ✓

**C.** ଶିକ୍ଷା ଏବଂ ସଚେତନତା

**D.** ଅଭୟାରଣ୍ୟ ସ୍ଥାପନ

## Q73 Odia

ବନ୍ୟପ୍ରାଣୀ ସଂରକ୍ଷଣର ପ୍ରକୃତ ଅର୍ଥ କଣ?

**A.** କେବଳ ପଶୁଙ୍କୁ ପଞ୍ଜୁରୀରେ ରଖିବା

**B.** କେବଳ ଗଛ କାଟିବା

**C.** ପଶୁ ଏବଂ ସେମାନଙ୍କର ବାସସ୍ଥଳୀ ଉଭୟକୁ ସୁରକ୍ଷା ଦେବା ✓

**D.** କେବଳ ଜଳବାୟୁ ପରିବର୍ତ୍ତନକୁ ରୋକିବା

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q74** Odia

ଜୈବ ବିବିଧତା ଶିକ୍ଷା କିପରି ସାହାଯ୍ୟ କରେ?

- **A.** ଏହା ପ୍ରକୃତି ପ୍ରତି ଦାୟିତ୍ୱବାନ ଆଚରଣକୁ ପ୍ରୋତ୍ସାହିତ କରେ ✓
- **B.** ଏହା ଶିକାରକୁ ବୃଦ୍ଧି କରେ
- **C.** ଏହା ଜଙ୍ଗଲ ନଷ୍ଟ କରିବାରେ ସାହାଯ୍ୟ କରେ
- **D.** ଏହାର କୌଣସି ପ୍ରଭାବ ନାହିଁ

**Q75** Odia

ଏକ ସୁସ୍ଥ ପରିସଂସ୍ଥା ପାଇଁ କାହାର ଅବଦାନ ରହିଛି?

- **A.** କେବଳ ସରକାରଙ୍କର
- **B.** କେବଳ ବୈଜ୍ଞାନିକମାନଙ୍କର
- **C.** ପ୍ରତ୍ୟେକ ବ୍ୟକ୍ତିଙ୍କ ଛୋଟ ବଡ଼ ପ୍ରୟାସର ✓
- **D.** କାହାରି ନୁହେଁ

## Computer

**Q76** Computer

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ସିଷ୍ଟମ ସଫ୍ଟୱେର୍ ଅଟେ?

- **A.** MS ୱାର୍ଡ
- **B.** ଫଟୋସପ୍
- **C.** ପେଣ୍ଟ
- **D.** ୱିଣ୍ଡୋଜ 10 ✓

**Q77** Computer

ନିମ୍ନଲିଖିତ ମଧ୍ୟରୁ କେଉଁଟି ୱିଣ୍ଡୋଜ ଷ୍ଟାର୍ଟ ହେବା ପରେ ସ୍କ୍ରିନର ମୁଖ୍ୟ ଡିସପ୍ଲେ ଏରିଆ ଅଟେ, ଯେଉଁଥିରେ ଆଇକନ, ଟାସ୍କବାର ଏବଂ ୱାଲପେପର ଦେଖାଯାଇଥାଏ?

- **A.** ୱିଣ୍ଡୋ ପେନ
- **B.** ଡେସ୍କଟପ ✓
- **C.** ରିସାଇକଲ ବିନ
- **D.** ଫାଇଲ ଏକ୍ସପ୍ଲୋରର

**Q78** Computer

ଗୋଟିଏ ସ୍ପ୍ରେଡସିଟରେ ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ ଏକ ବୈଧ ସର୍ଟିଂ ମାନଦଣ୍ଡ ଭାବରେ ଗଣାଯାଏ ନାହିଁ?

- **A.** ଭାଲ୍ୟୁ ଅନୁଯାୟୀ
- **B.** ସେଲ ରଙ୍ଗ ଅନୁଯାୟୀ
- **C.** ଫଣ୍ଟ ଆକାର ଅନୁଯାୟୀ
- **D.** ଫାଇଲ ନାମ ଅନୁଯାୟୀ ✓

**Q79** Computer

ଏକ ପ୍ରଫେସନାଲ ଟାଇପସେଟିଂ ପ୍ରକଳ୍ପ ପାଇଁ ଏହା ଆବଶ୍ୟକ ହୋଇଥାଏ ଯେ, ଗୋଟିଏ ପାରାଗ୍ରାଫର ପ୍ରତ୍ୟେକ ଧାଡ଼ି ବାମ ଓ ଡାହାଣ ମାର୍ଜିନ ମଧ୍ୟରେ ଥିବା ସମଗ୍ର ଓସାର (width) କୁ ପୂରଣ କରିବା ପାଇଁ ଦୃଶ୍ୟମାନ ଭାବରେ ପ୍ରସାରିତ ହେବ, ଯେଉଁଥିରେ ଟେକ୍ସଟ୍‌ର ଶେଷ ଧାଡ଼ି ମଧ୍ୟ ଅନ୍ତର୍ଭୁକ୍ତ, ଯଦିଓ ସେହି ଧାଡ଼ିରେ କମ ଶବ୍ଦ ଥାଏ । ଏହି ଇଫେକ୍ଟ ସମସ୍ତ ଅକ୍ଷର ଏବଂ ଶବ୍ଦ ମଧ୍ୟରେ ଅତିରିକ୍ତ, ୟୁନିଫର୍ମ ସ୍ପେସ ଆଡ କରି ଧାଡ଼ିରେ ଟେକ୍ସଟକୁ ସମ୍ପୂର୍ଣ୍ଣ ରୂପେ ଡିଷ୍ଟ୍ରିବ୍ୟୁଟ କରି ହାସଲ କରାଯାଏ । ଏହି ସ୍ୱତନ୍ତ୍ର ଡିଷ୍ଟ୍ରିବ୍ୟୁସନକୁ ପାରାଗ୍ରାଫର ସମସ୍ତ ଧାଡ଼ିରେ ହାସଲ କରିବା ପାଇଁ MS 365 Word ରେ କେଉଁ ନିର୍ଦ୍ଦିଷ୍ଟ ପାରାଗ୍ରାଫ୍ ଆଲାଇନମେଣ୍ଟ ଅପସନ ବ୍ୟବହାର କରାଯାଏ?

- **A.** Justify
- **B.** Distributed ✓
- **C.** Align Right
- **D.** Center

**Q80** Computer

ଆପ୍ଲିକେସନ ସଫ୍ଟୱେୟାର ମୁଖ୍ୟତଃ _________ ପାଇଁ ବ୍ୟବହୃତ ହୁଏ ।

- **A.** ହାର୍ଡୱେର୍ ଫଙ୍କସନ ପରିଚାଳନା କରିବା
- **B.** ଅପରେଟିଂ ସିଷ୍ଟମକୁ କଣ୍ଟ୍ରୋଲ କରିବା
- **C.** ୟୁଜରମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିବା (accomplish) ରେ ସାହାଯ୍ୟ କରିବା ✓
- **D.** ସିଷ୍ଟମ ସଫ୍ଟୱେୟାର୍ ଡେଭଲପ କରିବା

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q81** Computer

ଡେସ୍କଟପ୍ ଏବଂ ଲାପଟପ୍ କମ୍ପ୍ୟୁଟର ପାଇଁ _______ ସବୁଠାରୁ ଲୋକପ୍ରିୟ ଅପରେଟିଂ ସିଷ୍ଟମ୍ ଅଟେ, ଯାହା ସମସ୍ତ ଇନଷ୍ଟଲେସନର 76% ଅଟେ ।

- **A.** ଆପଲ୍ ର macOS
- **B.** ଆପଲ୍ ର iPadOS
- **C.** ୱିଣ୍ଡୋଜ୍ ✓
- **D.** ଲିନକ୍ସ (ଡେସ୍କଟପ)

**Q82** Computer

MS Word ରେ ଏକ ନୂତନ ବ୍ଲାଙ୍କ ଡକ୍ୟୁମେଣ୍ଟ ସୃଷ୍ଟି କରିବା ପାଇଁ କେଉଁ କମାଣ୍ଡ ବ୍ୟବହୃତ ହୁଏ?

- **A.** File → Save
- **B.** File → Open
- **C.** File → New ✓
- **D.** Insert → New Page

**Q83** Computer

MS ପାୱାରପଏଣ୍ଟ ସ୍ଲାଇଡରେ ଚାର୍ଟ, ଟେବୁଲ୍ କିମ୍ବା SmartArt ଇନସର୍ଟ କରିବା ପାଇଁ କେଉଁ ମେନୁ ପାଥ ଅନୁସରଣ କରାଯିବା ଉଚିତ?

- **A.** Insert → Choose the object type (Chart, Table, SmartArt, etc.) ✓
- **B.** File → Options
- **C.** View → Slide Master
- **D.** Design → Format Background

**Q84** Computer

ଏକ MS ଏକ୍ସେଲ ୱାର୍କବୁକ ପ୍ରିଣ୍ଟ କରିବା ପାଇଁ ବ୍ୟବହୃତ ସର୍ଟକଟ କମାଣ୍ଡ _______ ଅଟେ ।

- **A.** Ctrl + C
- **B.** Alt + P
- **C.** Ctrl + P ✓
- **D.** File > print

**Q85** Computer

MS ପାୱାରପଏଣ୍ଟ 2021 ରେ ପାୱାରପଏଣ୍ଟ ପ୍ରେଜେନଟେସନର ଡିଫଲ୍ଟ ଫାଇଲ ଏକ୍ସଟେନସନ କ'ଣ?

- **A.** .pptx ✓
- **B.** .docx
- **C.** .xlsx
- **D.** .pdf

**Q86** Computer

MS PowerPoint ରେ ଆପଣ କିପରି ଏକ ବ୍ଲାଙ୍କ ପ୍ରେଜେଣ୍ଟେସନ୍ (Blank Presentation) ତିଆରି କରିପାରିବେ?

- **A.** ଫାଇଲ → ସେଭ ଆଜ → ବ୍ଲାଙ୍କ ପ୍ରେଜେଣ୍ଟେସନ
- **B.** ଫାଇଲ → ନିଉ → ବ୍ଲାଙ୍କ ପ୍ରେଜେଣ୍ଟେସନ୍ ✓
- **C.** ଇନସର୍ଟ → ନିଉ ସ୍ଲାଇଡ → ବ୍ଲାଙ୍କ ପ୍ରେଜେଣ୍ଟେସନ୍
- **D.** ଡିଜାଇନ → ନିଉ ଥିମ → ବ୍ଲାଙ୍କ

**Q87** Computer

FTP କେଉଁ କାମରେ ବ୍ୟବହୃତ ହୁଏ?

- **A.** ଫାଇଲ ଟ୍ରାନ୍ସଫର ✓
- **B.** ଇମେଲ
- **C.** ୱେବ ବ୍ରାଉଜିଂ
- **D.** ଭିଡିଓ ଷ୍ଟ୍ରିମିଂ

**Q88** Computer

ଏକ୍ସେଲ କଲମକୁ ସର୍ବାଧିକ କେତେ ସାଇଜ (କ୍ୟାରେକ୍ଟର ହିସାବରେ) ରେ ସେଟ କରାଯାଇପାରିବ?

- **A.** 128
- **B.** 255 ✓
- **C.** 712
- **D.** 1024

**Q89** Computer

କେଉଁ ସର୍ଚ୍ଚ ଇଞ୍ଜିନ ମୂଳତଃ 'Backrub' ଭାବରେ ଜଣାଶୁଣା ଥିଲା?

- **A.** ୟାହୁ
- **B.** ଗୁଗଲ ✓
- **C.** ଆଲ୍ଟାଭିସ୍ତା
- **D.** Ask.com

**Q90** Computer

MS ୱାର୍ଡରେ ଟେକ୍ସଟ କିପରି ଦେଖାଯିବ ଏବଂ ଏହା କେତେ ବଡ଼ କିମ୍ବା ଛୋଟ ଦେଖାଯିବ ତାହା ପରିବର୍ତ୍ତନ କରିବା ଭଳି Home ଟ୍ୟାବର କେଉଁ ଗ୍ରୁପ ଟେକ୍ସଟର ଆପିୟରାନ୍ସ ଆଡଜଷ୍ଟ କରିବା ପାଇଁ ଟୁଲ ପ୍ରଦାନ କରେ?

- **A.** Font ✓
- **B.** Paragraph
- **C.** Layout
- **D.** Review

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q91** Reasoning

P, Q, R, S, T, U ଏବଂ V ଏକ ବୃତ୍ତାକାର ଟେବୁଲ ଚାରିପାଖରେ କେନ୍ଦ୍ର ଆଡ଼କୁ ମୁହଁ କରି ବସିଛନ୍ତି । Q ଙ୍କ ବାମ ପାର୍ଶ୍ୱ ଦ୍ୱିତୀୟ ସ୍ଥାନରେ U ବସିଛନ୍ତି । U ଙ୍କ ଠିକ ଡାହାଣ ପାର୍ଶ୍ୱରେ T ବସିଛନ୍ତି । T ଙ୍କ ଡାହାଣ ପାର୍ଶ୍ୱ ଚତୁର୍ଥ ସ୍ଥାନରେ P ବସିଛନ୍ତି । Q ଙ୍କ ନିକଟତମ ପଡ଼ୋଶୀ R ନୁହଁନ୍ତି । R ଙ୍କ ବାମ ପାର୍ଶ୍ୱ ଦ୍ୱିତୀୟ ସ୍ଥାନରେ S ବସିଛନ୍ତି । ନିମ୍ନଲିଖିତ ଦୁଇ ଜଣଙ୍କ ମଧ୍ୟରୁ କେଉଁମାନେ ନିକଟତମ ପଡ଼ୋଶୀ ନୁହଁନ୍ତି?

- **A.** UR
- **B.** TS ✓
- **C.** QV
- **D.** SV

**Q92** Reasoning

ନିମ୍ନଲିଖିତ ତ୍ରୟୀ ଗୁଡିକରେ, ପ୍ରତ୍ୟେକ ଅକ୍ଷର ସମୂହ ଏକ ନିର୍ଦ୍ଦିଷ୍ଟ ତର୍କ ଆଧାରରେ ପରବର୍ତ୍ତୀ ଅକ୍ଷର ସମୂହ ସହିତ ସମ୍ପର୍କିତ । ସମାନ ତର୍କ ଅନୁସରଣ କରୁଥିବା ବିକଳ୍ପଟିକୁ ଚୟନ କରନ୍ତୁ ।
BAYS - AYBS - SYAB
CLAP - LACP - PALC

- **A.** INTO - NTIO - OTNI ✓
- **B.** SEAT - SAET - TAES
- **C.** BUSY - UBSY - YUSB
- **D.** BURN - URBN - URNB

**Q93** Reasoning

ଗୋଟିଏ କୋଠାର ଛଅଟି ଭିନ୍ନ ମହଲାରେ G, H, I, J, K ଓ L ରୁହନ୍ତି । କୋଠାର ସବୁଠାରୁ ତଳ ମହଲାକୁ ନମ୍ବର 1, ଏହାର ଉପର ମହଲାକୁ ନମ୍ବର 2 ଏବଂ ଏହିପରି ଭାବରେ ସବୁଠାରୁ ଉପର ମହଲାକୁ ନମ୍ବର 6 ରଖାଯାଇଛି ।
H ଓ L ରହୁଥିବା ମହଲାର ଗୁଣଫଳ 10 ଅଟେ । J ଙ୍କ ଠିକ ଉପରେ G ରୁହନ୍ତି । I ଓ H ରହୁଥିବା ମହଲାର ସମଷ୍ଟି 11 ଅଟେ ।
L ତଳେ କେତେ ଜଣ ଲୋକ ରୁହନ୍ତି?

- **A.** 1 ✓
- **B.** 2
- **C.** 3
- **D.** 4

**Q94** Reasoning

ଯଦି ସଂଖ୍ୟା 6173254 ର ପ୍ରତ୍ୟେକ ଯୁଗ୍ମ ଅଙ୍କରେ 2 ଯୋଗ କରାଯାଏ ଏବଂ ପ୍ରତ୍ୟେକ ଅଯୁଗ୍ମ ଅଙ୍କରୁ 1 ବିୟୋଗ କରାଯାଏ, ତେବେ ଏହିପରି ଭାବରେ ଗଠିତ ନୂତନ ସଂଖ୍ୟାଟିର ବାମ ପାର୍ଶ୍ୱରୁ ଦ୍ୱିତୀୟ ଅଙ୍କ ଏବଂ ଡାହାଣ ପାର୍ଶ୍ୱରୁ ପ୍ରଥମ ଅଙ୍କର ଯୋଗଫଳ କେତେ ହେବ?

- **A.** 10
- **B.** 8
- **C.** 12
- **D.** 6 ✓

**Q95** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ପ୍ରଦତ୍ତ ଅନୁକ୍ରମରେ ପ୍ରଶ୍ନଚିହ୍ନ (?) ସ୍ଥାନରେ କ'ଣ ହେବ?
VXR TUQ RRP POO ?

- **A.** NLN ✓
- **B.** MKJ
- **C.** TRE
- **D.** TTY

**Q96** Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ,
A @ B ର ଅର୍ଥ 'A B ଙ୍କ ବାପା ଅଟନ୍ତି'
A & B ର ଅର୍ଥ 'A B ଙ୍କ ପତ୍ନୀ ଅଟନ୍ତି'
A # B ର ଅର୍ଥ 'A B ଙ୍କ ଝିଅ ଅଟନ୍ତି'
A % B ର ଅର୍ଥ 'A B ଙ୍କ ପୁଅ ଅଟନ୍ତି'

ଉପୋରକ୍ତ ଆଧାରରେ, ଯଦି 'P # Q % R & S @ T' ହୁଏ, ତେବେ P ସମ୍ପର୍କରେ T ଙ୍କର କ'ଣ ହେବ?

- **A.** ଭଉଣୀ
- **B.** ଝିଅ
- **C.** ଭାଇଙ୍କ ଝିଅ ✓
- **D.** ବାପାଙ୍କ ଭଉଣୀ

**Q97** Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ 'sip field hip' କୁ 'tm zc is' ଭାବରେ ଏବଂ 'sir hip yak' କୁ 'xz uu zc' ଭାବରେ କୋଡ କରାଯାଇଛି । ଦିଆଯାଇଥିବା ଭାଷାରେ 'hip' କୁ କିପରି ଭାବେ କୋଡ କରାଯିବ?

- **A.** xz
- **B.** zc ✓
- **C.** tm
- **D.** is

**Q98** Reasoning

ପ୍ରଦତ୍ତ ବିବୃତି ଓ ନିଷ୍କର୍ଷଗୁଡିକୁ ଧ୍ୟାନର ସହିତ ଅଧ୍ୟୟନ କରନ୍ତୁ । ଏହା ସାଧାରଣତଃ ଜଣାଶୁଣା ତଥ୍ୟ ଠାରୁ ଭିନ୍ନ ମନେହେଲେ ସୁଦ୍ଧା ବିବୃତିରେ ପ୍ରଦତ୍ତ ତଥ୍ୟ କୁ ସତ୍ୟ ବୋଲି ବିବେଚନା କରନ୍ତୁ ଏବଂ ପ୍ରଦତ୍ତ ବିବୃତି (ଗୁଡିକ) କୁ ତର୍କସଙ୍ଗତ ଭାବରେ କେଉଁ ନିଷ୍କର୍ଷ (ଗୁଡିକ) ଅନୁସରଣ କରୁଛି ତାହା ନିର୍ଣ୍ଣୟ କରନ୍ତୁ ।
ବିବୃତି: କିଛି ବୀଜଗଣିତ ଜ୍ୟାମିତି ଅଟେ । କିଛି ଜ୍ୟାମିତି କାଲକୁଲି ଅଟେ ।
ନିଷ୍କର୍ଷ I: କିଛି ବୀଜଗଣିତ କାଲକୁଲି ଅଟେ ।
ନିଷ୍କର୍ଷ II: କୌଣସି ବୀଜଗଣିତ କାଲକୁଲି ନୁହେଁ ।

- **A.** କେବଳ ନିଷ୍କର୍ଷ (I) ଅନୁସରଣ କରେ
- **B.** କେବଳ ନିଷ୍କର୍ଷ (II) ଅନୁସରଣ କରେ
- **C.** ନିଷ୍କର୍ଷ (I) କିମ୍ବା (II) କୌଣସିଟି ଅନୁସରଣ କରେ ନାହିଁ ✓
- **D.** ଉଭୟ ନିଷ୍କର୍ଷ (I) ଏବଂ (II) ଅନୁସରଣ କରେ

Blackbook Vocabulary — Now in the App! ▶ Download Now on Google Play

**Q99** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ନିମ୍ନଲିଖିତ ଚାରୋଟି ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଅଟନ୍ତି ତେଣୁ ଏହିପରି ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ ?
(ଦ୍ରଷ୍ଟବ୍ୟ: ଅସାମଞ୍ଜସ୍ୟଟି ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣ ସଂଖ୍ୟା କିମ୍ବା ଅକ୍ଷର ପୁଞ୍ଜରେ ସେମାନଙ୍କର ସ୍ଥିତି ଉପରେ ଆଧାରିତ ନୁହେଁ)

- **A.** EGJ ✓
- **B.** MOQ
- **C.** ACE
- **D.** PRT

**Q100** Reasoning

ନିମ୍ନଲିଖିତ ଅକ୍ଷର ଅନୁକ୍ରମ ଆଧାରରେ ପ୍ରଶ୍ନର ଉତ୍ତର ଦିଅନ୍ତୁ । ଗଣନା କେବଳ ବାମରୁ ଡାହାଣକୁ କରାଯିବ ।
(ବାମ) Z X C V B N M A S D F G H J K L Q W (ଡାହାଣ)
ଏପରି କେତୋଟି ବ୍ୟଞ୍ଜନବର୍ଣ୍ଣ ଅଛି ଯାହାର ପ୍ରତ୍ୟେକର ଠିକ ପୂର୍ବରୁ ଏକ ବ୍ୟଞ୍ଜନବର୍ଣ୍ଣ ଅଛି ଏବଂ ଠିକ ପରେ ଏକ ସ୍ୱରବର୍ଣ୍ଣ ଅଛି?

- **A.** କିଛି ନାହିଁ
- **B.** ଏକ ✓
- **C.** ଦୁଇ
- **D.** ତିନି

Blackbook Vocabulary — Now in the App! ► Download Now on Google Play
generated by rank.qmaths.in